## ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ସେମିଷ୍ଟର୍ ପରୀକ୍ଷା ମାମଲା

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ, ୧୮/ଏନ୍‌ଏନ୍‌ଏସ୍:** ଫିଜିଓଥେରାପି ଛାତ୍ରଛାତ୍ରୀଙ୍କ ସେମିଷ୍ଟର୍ ପରୀକ୍ଷା ସମ୍ପର୍କିତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀ ରୋନିତ ଭୂଷଣ ପଟ୍ଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର, ରାଜ୍ୟ ସରକାର, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ୟୁଜିସିକୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ସତ୍ୟପାଠ ମାଧ୍ୟମରେ ମାମଲାର ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ କୁହାଯାଇଛି। ବ୍ୟାଚ୍‌ଲର୍ ଅଫ୍ ଫିଜିଓଥେରାପି (ବିପିଟି)ର ଛାତ୍ରଛାତ୍ରୀଙ୍କ ପଞ୍ଚମ ସେମିଷ୍ଟର୍ ପରୀକ୍ଷା ଅଗଷ୍ଟ ତୃତୀୟ ସପ୍ତାହରେ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ଗତ ଜୁନ୍ ୨୫ ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ତେବେ ଭୟଙ୍କର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏଥି ପୂର୍ବରୁ ଜୁନ୍ ୧୮ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି କରୋନା ସଂକ୍ରମଣ କାରଣରୁ ଚଳିତ ଶିକ୍ଷାବର୍ଷର ଇଣ୍ଟରମିଡିଏଟ୍ ଇଭିନ୍ ସେମିଷ୍ଟର୍ ପରୀକ୍ଷା ହେବ ନାହିଁ ବୋଲି ଦର୍ଶାଇଥିଲା। ତେବେ ବିଶ୍ୱବିଦ୍ୟାଳୟ ଗ୍ରାଣ୍ଟ୍ କମିଶନ୍ (ୟୁଜିସି) ପକ୍ଷରୁ ମଧ୍ୟ ଦର୍ଶାଯାଇଥିଲା ଯେ ଦେଶରେ କରୋନା ସଂକ୍ରମଣ ବହୁଳ ଭାବେ ବୃଦ୍ଧି ପାଉଥିବାରୁ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ଅସମ୍ଭବ। ସେହିପରି ଏହି ସମୟରେ ବହୁ ଛାତ୍ରଛାତ୍ରୀ ନିଜ ନିଜ ଘରକୁ ଚାଲି ଯାଇଥିବାରୁ ଏପରି କ୍ଷେତ୍ରରେ ସେମିଷ୍ଟର୍ ପରୀକ୍ଷା ହୋଇପାରିବ ନାହିଁ ବୋଲି ଦର୍ଶାଇଥିବାବେଳେ ଆବେଦନକାରୀମାନେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁନ୍ ୨୫ର ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।